# All India Radio, Sambalpur

## SAMBALPURI NEWS BULLETIN

## 13 December 2017- 8.17pm.

****************************************************

### ମୁଖିଆ ଖବର୍

୧- ମହାନଦୀ ପାଏନ୍ ଝମେଲା ବାବ୍‌ଦେ ଟ୍ରିବ୍ୟୁନାଲ୍ ଗଠନ୍ ଦାବିଥି ବିଧାନ୍‌ସଭା ନ ପାରିତ୍ ହେଲା ସଂକଳ୍ପ ।

୨- ଆଏବା କାଏଲ୍ ଆଧାର୍ ସଂଯୋଗୀକରଣ୍ ବାବ୍‌ଦେ ସୁପ୍ରିମ୍‌କୋର୍ଟ ନ ହେବା ଶୁଣାଣି ।

୩- ମୁଖ୍ୟମନ୍ତ୍ରୀଙ୍କର୍ ନ ଏତ୍‌କର ସୋସିଆଲ୍ ମିଡ଼ିଆଥି ଲୁକେ କରିପାର୍‌ବେ ଅଭିଯୋଗ୍ ।

ଆଉର୍

୪- ଖଣିଜ ପାଣ୍ଠି ଠୋଲ୍ କର୍‌ବାର୍ ଦିଗେ ସାରା ଦେଶେ ଓଡ଼ିଶା ହେଇପାରିଛେ ୧ ନମ୍ବର୍ ରାଏଜ୍ ।

**ମହାନଦୀ-ବିଧାନ୍‌ସଭା** RNU/SBP

**ମହାନଦୀ ପାଏନ୍ ଉପ୍‌ରେ ରାଏଜର୍ ଲୁକଙ୍କର୍ ଅଧିକାର୍ ଅଛେ ବଲି ଆଏଜ୍ ବିଧାନ୍‌ସଭା ନ ଦଳମତ ନିର୍ବିଶେଷ୍‌ଥି ସବୁ ସଦସ୍ୟ ଏକମତ ହେଇଛନ୍ । ମହାନଦୀ ପାଏନ୍ ଝମେଲାର୍ ସମାଧାନ୍ ଆଉ ଟ୍ରିବ୍ୟୁନାଲ୍ ଗଠନ୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ଉପ୍‌ରେ ଚାପ୍ ଦେବାର୍‌କେ ବିଧାନ୍‌ସଭା ନ ଗୁଟେ ସଂକଳ୍ପ ପାରିତ୍ ହେଇଛେ । ଟ୍ରିବ୍ୟୁନାଲ୍ ଗଠନ୍ ବାବ୍‌ଦେ ଆଏଜ୍**

ବିଧାନ୍‌ସଭା ନ ଗୁଟେ ମୋସନ୍ ଉପ୍‌ରେ ୪ ଘଂଟା ଧରିକରି ଆଲୋଚନା ହେଇଥିଲା । ପାଏନ୍ ଝମେଲାର୍ ସମାଧାନ୍ ଲାଗି ରାଜ୍ୟ ସର୍‌କାର୍ କେନ୍ଦ୍ର ପାଖେ ଟ୍ରିବ୍ୟୁନାଲ୍ ଗଠନ୍ ଲାଗି ଦାବି ଜନାବାର୍ ବର୍ଷେ ଉତ୍‌ରୁ ଭିଲ୍ ଆଏଜ୍‌ତକ୍ ନିୟମ୍ ଅନ୍‌ସାରେ ଟ୍ରିବ୍ୟୁନାଲ୍ ଗଠନ୍ ନାଇଁ କରାଯାଇ ବଲି ବିଜେଡ଼ି ଆଉ କଂଗ୍ରେସ୍ ସଦସ୍ୟ ମାନେ ଅଭିଯୋଗ୍ କରିଥିଲେ । ସେଆଡ଼େ ମହାନଦୀ ବିଷେଥି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଭିତ୍‌ରେ ଭିତ୍‌ରିଆ ବୁଝାମଣା ଅଛେ ବଲି ଓଡ଼ିଶା ପ୍ରଦେଶ୍ କଂଗ୍ରେସ୍ କମିଟିର୍ ସଭାପତି ପ୍ରସାଦ୍ ହରିଚନ୍ଦନ୍ ଅଭିଯୋଗ୍ କରିଛନ୍ । ସେ କହିଛନ୍ ଯେ, ଛତିଶ୍‌ଗଡ଼୍ ସର୍‌କାର୍ ମହାନଦୀର୍ ଉପର୍‌ମୁଁଡ଼େ ବେରେଜ୍ ତିଆର୍ କର୍‌ବାର୍ କଥା ରାଜ୍ୟ ସର୍‌କାର୍ ୨୦୦୬ ନୁ ଜାନିଛନ୍ ଆଉ କେନ୍ଦ୍ର ସର୍‌କାର୍ ପୁରା ଭାବେ ଛତିଶ୍‌ଗଡ଼୍ ସର୍‌କାର୍‌ଙ୍କୁ ସାହାଜ୍ କରିଛନ୍ ।

ବିଧାନ୍‌ସଭା RNU/SBP

ଆଏଜ୍ ବିଧାନ୍‌ସଭା ନ କଂଗ୍ରେସ୍ ସଭ୍ୟ ଚିରଞ୍ଜିବ୍ ବିଶ୍ୱାଲ୍‌ଙ୍କର୍ ଗୁଟେ ତାରକା ଚିହ୍ନିତ୍ ପ୍ରଶ୍ନର୍ ଉତର୍ ଦେଇକରି କୃଷି ମନ୍ତ୍ରୀ ଡାକ୍ତର୍ ଦାମୋଦର୍ ରାଉତ୍ କହିଛନ୍ ଯେ, ରାଏଜେ ଚକଡ଼ା

ପୋକ ଆଉ ଅଦିନିଆ ବର୍ଷା ଲାଗି ଚାଷୀମାନ୍‌କର୍ ଗୁର୍ଦୁଟେ ନୁକ୍‌ସାନ୍ ହେଇଛେ । ଇ ନୁକ୍‌ସାନ୍‌କେ ଭର୍‌ନା କର୍‌ବାର୍ ଲାଗି ସର୍‌କାର୍ ରବି ଚାଷ୍‌କେ ତହଁକଉଛନ୍ । ଇତାର୍‌ଛଡ଼ା ଡାକ୍ତର୍ ରାଉତ୍ କହିଛନ୍ ଗଲା ଖରିଫ୍ ଋତୁ ନ ଯୁଗେଇ ଦିଆଯାଇଥିବାର୍ କୃଷି ଋଣ ସୁଝ୍‌ବାର୍ ଲାଗି ଧାଏର୍ଜ ସମିଆକେ ଆଏବା ବଛର୍ ୩୦ ସେପ୍ଟେମ୍ବର୍ ତକ୍ ବଢ଼ାଯାଇଛେ । ସେନ୍ତା ସ୍ୱଳ୍ପ ମିଆଦୀ ଋଣକେ ମଧ୍ୟମ ମିଆଦି ଋଣ୍‌ଥି ବଦ୍‌ଲେଇକରି ରିହାତି ଦେବାର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କୁ ଅନୁରୋଧ୍ କରାଯିବା ବଲି କୃଷିମନ୍ତ୍ରୀ ଡାକ୍ତର୍ ରାଉତ୍ ତାଁକର୍ ଉତର୍‌ଥି କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଆଏଜ୍ ବିଧାନ୍‌ସଭା ନ ୯୦ଟା ତାରକା ଚିହ୍ନିତ୍ ପ୍ରଶ୍ନ ଉଠ୍‌ବାର୍‌କେ ଥିବାର୍ ବେଲେ ଖାଲି ଇ ଗୁଟେ ତାରକା ଚିହ୍ନିତ୍ ପ୍ରଶ୍ନ ଉପ୍‌ରେ କୃଷିମନ୍ତ୍ରୀ ଡାକ୍ତର୍ ରାଉତ୍ ଉତର୍ ରଖିଥିଲେ ।

ପୌରବିଧି RNU/SBP

ଆଏଜ୍ ବିଧାନ୍‌ସଭା ନ ଓଡ଼ିଶା ପୌରବିଧି ଦ୍ୱିତୀୟ ସଂଶୋଧନ୍ ବିଲ୍ ପାରିତ୍ ହେଇଛେ । ଇ ବିଲ୍ ପାରିତ୍ ହେଲା ଉତ୍‌ରୁ ଏତ୍‌କର ପୌର ସଂସ୍ଥା ନ ଅଧ୍ୟକ୍ଷ, ଉପାଧ୍ୟକ୍ଷ କି

କାଉନ୍‌ସିଲର୍‌ଙ୍କର୍ ବିରୋଧ୍ ନ ଅନାସ୍ଥା ପ୍ରସ୍ତାବ୍ ଆନ୍‌ବାର୍‌କେ ରାଜ୍ୟ ନିର୍ବାଚନ୍ କମିଶନ୍‌ଙ୍କର୍ ବିଚାର୍ କର୍‌ବାର୍ ସମିଆ ୯୦ ଦିନ୍ ହେବା । ଆଘୋ ଇଟା ୩୦ ଦିନ୍ ଥିଲା । ଗଲା ହପ୍ତା ନ ରାଜ୍ୟ କେବିନେଟ୍ ମିଟିଂଥି ଇ ବିଲ୍‌କେ ଅନୁମୋଦନ୍ ଦିଆଯାଇଥିଲା ।

ସୁପ୍ରିମ୍‌କୋର୍ଟ- ଆଧାର୍ RNU/CTC

ଭିନ୍ ଭିନ୍ ସର୍‌କାରୀ ଯୋଜ୍‌ନା ଆଉ ଜନକଲ୍ୟାଣ୍ କାର୍ଯ୍ୟକ୍ରମ୍‌ଥି ଆଧାର୍ ସଂଯୋଗ୍‌କେ ଜବ୍‌ରାନ୍ କରାଯିବା ବିଷେ ସୁପ୍ରିମ୍‌କୋର୍ଟର ୫ ଝନିଆ ଖଣ୍ଡପୀଠ୍ ଆଏବା କାଏଲ୍ ଶୁଣାଣି କର୍‌ବେ । ପ୍ରଧାନ୍ ବିଚାର୍‌ପତି ଦୀପକ୍ ମିଶ୍ର, ବିଚାର୍‌ପତି ଏ.ଏମ୍. ଖାନ୍‌ୱିଲ୍‌କର୍ ଆଉ ବିଚାର୍‌ପତି ଡି.ୱାଇ. ଚନ୍ଦ୍ରଚୂଡ୍ କହିଛନ୍ ଯେ, ଇ ଖଣ୍ଡପୀଠର୍ ବିଚାର୍‌ପତିମାନେ ଆଏବା କାଏଲ୍ ଉପର୍‌ବେଲା ଦୁଇ ବଜେ ଭିନ୍ ଭିନ୍ ଆବେଦନ୍ ଆଉ କେନ୍ଦ୍ର ସର୍‌କାର୍‌ଙ୍କର୍ ନିଷ୍ପତି ଉପ୍‌ରେ ଶୁଣାଣି କର୍‌ବେ ।

କେନ୍ଦ୍ର ସର୍‌କାର୍ ଆଏବା ବଛର୍ ମାର୍ଚ୍ଚ ୩୧ ତାରିଖ୍‌ତକ୍ ଭିନ୍ ଭିନ୍ ସେବା ଆଉ ଜନକଲ୍ୟାଣ୍ ଯୋଜ୍‌ନା ଲାଗି ଆଧାର୍ ସଂଯୋଗ୍ ସମିଆକେ ବଢ଼େଇଛନ୍ ।

ଡାକ୍ତର୍ ଗିରଫ୍ RNU/CTC

କଟକ୍ ବଡ଼୍ ଡାକ୍ତର୍‌ଖାନା କ୍ଲିନିକାଲ୍ ହିମାଟୋଲୋଜି ବିଭାଗ୍‌ର ମହିଳା ଡାକ୍ତର୍ ପ୍ରଫେସର୍ ସୁଧା ସେଠୀଙ୍କୁ ଭିଜିଲାନ୍ସ ବିଭାଗ୍‌ର ଅଫିସର୍‌ମାନେ ଆଏଜ୍ ଗିରଫ୍ କରିଛନ୍ । ତାହାଁକୁ କଟକ୍ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ୍‌ନେ ହାଜର୍ କରାଯାଇଥିଲା । ସେନେ ଜାମିନ୍ ନାମଞ୍ଜୁର୍ ହେବାର୍‌ନୁ ତାଙ୍କୁ ଚୌଦ୍ୱାର୍ ଜେଲ୍‌କେ ପଠେଇ ଦିଆଯାଇଛେ । ନିର୍ଦ୍ଦିଷ୍ଟ କମ୍ପାନୀର୍ ଉଷୋ ଲେଖ୍‌ବାର୍, ଓଏସ୍‌ଟି ଫଣ୍ଡ୍‌ନେ ଅନିୟମିତତା କରିଥିବାର୍ ଅଭିଯାଗ୍‌ଥି ଭିଜିଲାନ୍ସ ତାଙ୍କୁ ଗିରଫ୍ କରିଥିବାର୍ ଖବର୍ ମିଲିଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ RNU/SBP

ସାଧାରଣ୍ ଲୁକଙ୍କର୍ ଅଭିଯୋଗ୍ ଏତ୍‌କେ ସୋସିଆଲ୍ ମିଡ଼ିଆଥି ଭିଲ୍ କରାଯାଇ ପାର୍‌ବା ବଲି ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ କହିଛନ୍ । ଆଏଜ୍ ରାଜ୍ୟ ସଚିବାଲୟ ନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ୍ ସୋସିଆଲ୍ ମିଡ଼ିଆ ଅଭିଯୋଗ୍ ପ୍ରକୋଷ୍ଠକେ ଉଦ୍‌ଘାଟନ୍ କରିକରି କହିଛନ୍ ଯେ, ଲୁକଙ୍କର୍ ଅଭିଯୋଗ୍

ଆଉ ସେଥିର୍ ଜଲ୍ଦି ସମାଧାନ୍ ଲାଗି ଇ ପଦ୍କ୍ଷେପ୍ ନିଆଯାଇଛେ । ଟ୍ୱିଟର୍ କି ଫେସ୍ବୁକ୍ ଜରିଏ ଅଭିଯୋଗ୍ ମିଲ୍ଲା ଉତ୍ରୁ ସେ ଜିଲ୍ଲାମାନ୍କର୍ ଜିଲ୍ଲାପାଲ୍, ଏସ୍.ପି. ଆର୍ ବିଭାଗୀୟ ଅଧିକାରୀ ମାନ୍କର୍ ପାସ୍କେ ପଠେଇକରି ୨୪ ନୁ ୪୮ ଘଂଟା ଭିତ୍ରେ ଅଭିଯୋଗ୍ର ସମାଧାନ୍ ଲାଗି ଚେରେଷ୍ଟା  ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇଟା ହେଲା ଉତ୍ରୁ ଏତ୍କର ଲୁକେ ମୁଖ୍ୟମନ୍ତ୍ରୀଙ୍କର୍ ସୋସିଆଲ୍ ମିଡ଼ିଆଥି ସିଧାସଲଖ୍ ଅଭିଯୋଗ୍ କରିପାର୍ବେ ।

ଖଣିଜ ପାଣ୍ଠି RNU/SBP

ଓଡ଼ିଶା ସାରା ଦେଶେ ଖଣିଜ ପାଣ୍ଠି ସଂଗ୍ରହ କ୍ଷେତ୍ର ନ ସର୍ବୋଚ୍ଚ ଠାନ୍ ହାସଲ୍ କରିଛେ । କେନ୍ଦ୍ର କେବିନେଟ୍ ସଚିବ୍ ଆଏଜ୍ ଜିଲ୍ଲା ଖଣିଜ ପାଣ୍ଠି କି ଡିଷ୍ଟ୍ରିକ୍ଟ ମିନେରାଲ୍ ଫଣ୍ଡ୍ ବିଷେଥି ରାଏଜ୍ ମାନ୍କର୍ ମୁଖ୍ୟ ଶାସନ୍ ସଚିବ୍ମାନ୍କର୍ ସାଙ୍ଗେ ଭିଡ଼ିଓ କନ୍ଫରେନ୍ସିଂ ଜରିଆଥି  ଆଲୋଚନା କରିଛନ୍ । ଇ ଆଲୋଚନାଥି ମୁଖ୍ୟ ଶାସନ୍ ସଚିବ୍ ଆଦିତ୍ୟ ପ୍ରସାଦ୍ ପାଢ଼ୀ ଭାଗ୍ ନେଇକରି ରାଏଜେ ଖଣିଜ ପାଣ୍ଠି ସଂଗ୍ରହ ଆଉ ବିକାଶ୍ ଦିଗେ ଇ ପାଣ୍ଠି ବିନିଯୋଗ୍ ନେଇକରି ବିଷଦ୍ ବିବରଣୀ ରଖିଥିଲେ । ମୁଖ୍ୟ ଶାସନ୍ ସଚିବ୍ କହିଛନ୍ ଯେ,

ଆଲୋଚନାଥି ରାଏଜର୍ ଖଣିଜ ପାଣ୍ଠି ଠୋଲ୍ ସବୁନୁ ବଢ଼ିଆ ରହିଥିବାର୍ ଜନାପଡ଼ିଛେ । ଓଡ଼ିଶା ଖଣିଜ ପାଣ୍ଠି ବାବଦ୍‌କେ ୩୬ ଶହ କୁଟି ଟଙ୍କା ଠୋଲ୍ କରିଥିବାର୍ ବେଲେ ୧୮ ଶହ କୁଟି ଟଙ୍କାର୍ ପ୍ରକଳ୍ପ ଅନୁମୋଦିତ୍ ହେଇଛେ । ଆଏବା ଦିନେ ୬ ହଜାର୍ କୁଟି ଟଙ୍କାର୍ ପ୍ରକଳ୍ପ ଅନୁମୋଦନ୍ ଲାଗି ରାଜ୍ୟ ସର୍‌କାର୍ ଚେଷ୍ଟା କର୍‌ବେ ବଲି ମୁଖ୍ୟ ଶାସନ୍ ସଚିବ୍ କହିଛନ୍ । ଖଣି ଇଲାକା ମାନ୍‌କେ ସ୍ୱାସ୍ଥ୍ୟସେବା, ଶିକ୍ଷା, ଗମନାଗମନ୍, ପରିମଳ, ଶିଶୁ ଆଉ ମାତୃ ମଙ୍ଗଳ କାର୍ଯ୍ୟକ୍ରମ୍ ମାନେ ତ୍ୱରିତ୍ ଆଉ ସବୁନୁ ବଢ଼ିଆ ସେବା ଯୁଗେଇ ଦେବାର୍ ଲାଗି ଖଣିଜ ପାଣ୍ଠିନୁ ଆଦାୟ ଟଙ୍କା ବେଭାର୍ କରାଯାଏସି । ରାଏଜର୍ ଜିଲ୍ଲା ଖଣିଜ ପାଣ୍ଠି ସଂଗ୍ରହକେ କେବିନେଟ୍ ସଚିବ୍ ପ୍ରଶଂସା କର୍‌ବାର୍ ସହେତେ ଓଡ଼ିଶା ମଡ଼େଲ୍‌କୁ ଅଲ୍‌ଗା ରାଏଜ୍ ମାନେ ଗ୍ରହଣ୍ କର୍‌ବାର୍ ଉଚିତ୍ ବଲି ସେ କହିଛନ୍ ।

ବିଜେପି Boudh/R

ବୌଦ୍ଧ ଜିଲ୍ଲା ବିଜେପିର୍ କାର୍ଯ୍ୟକାରିଣୀ ବୈଠକ୍ ସଭାପତି ସୌମିତ୍ରୀ କୁମାର୍ ନାୟକ୍ ଙ୍କର୍ ଅଧକ୍ଷତାଥି ହେଇଯାଇଛେ । ବୈଠକ୍‌ଥି କେନ୍ଦ୍ର ସର୍‌କାର୍‌ଙ୍କର୍ ଯୋଜ୍‌ନାମାନ୍ ବୌଦ୍ଧ ଜିଲ୍ଲାର୍ ଲୁକ୍‌କର୍ ପାଖେ ପୁହୁଁଚି ନାଇଁ ପାର୍‌ବାର୍ ଆଉ ଜିଲ୍ଲାର୍

ବିକାଶ୍ ପଛେଇ ଯାଇଛେ ବଲି ମତ୍ ପ୍ରକାଶ୍ ପାଇଥିଲା । ବୈଠକ୍‌ଥି ରାଜ୍ୟ ସହ ସଂଗଠନ୍ ସମ୍ପାଦକ୍ ଅମିତାଭ୍ ଚକ୍ରବର୍ତୀ, ଜିଲ୍ଲା ପ୍ରଭାରୀ ସବିତା ନନ୍ଦ ଯୋଗ୍ ଦେଇଥିଲେ ।

ଦୁର୍ଘଟଣା ୪ ମୃତ RNU/CTC

କେନ୍ଦୁଝର୍ ଜିଲ୍ଲା ଡଙ୍ଗାପାଣିଠାନେ ଆଏଜ୍ ସକାଲର୍ ୯ ବଜେ ଗୁଟେ ସଡ଼କ୍ ଦୁର୍ଘଟଣାଥି ୪ ଝନ୍‌କର୍ ମୃତ୍ୟୁ ଘଟିଥିବାର୍ ବେଲେ ୫ ଝନ୍ ଗୁରୁତ୍ ଆହତ୍ ହେଇଛନ୍ । ଡଙ୍ଗାପାଣି ପାଖର୍ ୪୯ ନମ୍ବର୍ ଜାତୀୟ ରାଜପଥନେ ଗୁଟେ ଅଟୋ ଦଶ୍ ଚକିଆ ଟ୍ରକ୍‌କେ ଅତିକ୍ରମ୍ କଲାବେଳେ ସାମ୍ନା ଆଡୁ ଆସୁଥିବା ଗୁଟେ ଟ୍ରଲର୍ ସଙ୍ଗେ ମୁହାଁମୁହିଁ ଧକ୍କା ଦେଇଥିଲା । ଇଥି ଦଅଁଳା ଗାଁର୍ ଝନ୍‌କର୍ ଘଟ୍‌ନା ଜାଗାନେ ମୃତ୍ୟୁ ଘଟିଥିଲା ।

ନୂଆପଡ଼ା ଜିଲ୍ଲାପାଲ୍ Nuapada/R

ନୂଆପଡ଼ାର୍ ପହେଲା ମହିଲା ଜିଲ୍ଲାପାଲ୍ ପୋମା ଟୁଡୁ ଜିଲ୍ଲାର୍ ପାହାଡ଼ି ଇଲାକାକେ ପୁହୁଁଚିକରି ଲୁକ୍‌କର୍ ସୁଖ୍ ଦୁଖ୍ ବୁଝ୍‌ବାର୍ ଚେଷ୍ଟା କରିଛନ୍ । ସେ ହାତେ ବାଡ଼ି ଧରିକରି ୪ କିଲୋମିଟର୍ ବାଟ୍ ଚାଲି ଚାଲି ପାହାଡ଼ିଆ ସମାଡ଼୍‌ପଦର୍ ଗାଁକେ

ଯାଇଥିଲେ । ସଡ଼କ୍ ନାଇଁଥିବା ସମାଡ଼ପଦର୍ ଗାଁର୍ ଲୁକେ ଜିଲ୍ଲାପାଲ୍‌ଙ୍କୁ ଚିହ୍ନି ନାଇଁ ପାରିଥିଲେ । ଜିଲ୍ଲାପାଲ୍ ତାକର୍ ପରିଚୟ ଦେଲା ଉତ୍‌ରୁ ଗାଁର୍ ଲୁକେ ସ୍ୱାଧୀନତାର୍ ୭୧ ବଛର୍ ଉତ୍‌ରୁ ସେମାନ୍‌କର୍ ସଡ଼କ୍, ଘାଟ୍, ପାଏନ୍, ଶିକ୍ଷା, ସ୍ୱାସ୍ଥ୍ୟର୍ ସମସ୍ୟା ଦୂର୍ ହେବା ବଲି କେତ୍‌ନିକେତେ ଉଷତ୍ ହେଇଥିଲେ । ଜିଲ୍ଲାପାଲ୍ ଗାଁଥି ଗୁର୍ଦୁଟେ ଉନ୍ନତି କାମ୍ ଧାଏର୍ଜ ସମିଆ ଭିତ୍‌ରେ କର୍‌ବାର୍ ଲାଗି  ତାକର୍ ସାଙ୍ଗେ ଥିବାର୍ ଡିଆର୍‌ଡିଏର୍ ପ୍ରକଳ୍ପ ନିର୍ଦ୍ଦେଶକ୍ ବୃଷଭ ଚନ୍ଦ୍ର ନାଏକ୍‌ଙ୍କୁ ନିର୍ଦ୍ଦେଶ୍ ଦେଇଥିଲେ ।

ଦାଦନ ଶ୍ରମିକ ଉଦ୍ଧାର୍ Bolangir/R

ବଲାଙ୍ଗିର୍ ଜିଲ୍ଲା ପାଟଣାଗଡ଼୍ ବସ୍‌ଷ୍ଟାଣ୍ଡ୍‌ନୁ ଗଲାରାତି ପୁଲିସ୍ ୮ ଝନ୍ ମହିଲା ଆର୍ ୨ ଝନ୍ ଛୁଆକର୍ ସହେତେ ୧୪ ଝନ୍ ଦାଦନ୍ ଶ୍ରମିକଙ୍କୁ ଉଦ୍ଧାର୍ କରିଛେ । ବୌଦ୍ଧ ଜିଲ୍ଲାର୍ କଂଟାମାଲ୍ ଇଲାକାର୍ ଇ ଶ୍ରମିକ୍‌ମାନ୍‌କୁ ପାଟ୍‌ନାଗଡ଼୍ ପାଖର୍ ଖଲିପଥର୍ ଗାଁର୍ ଝନେ ଦାଦନ୍ ସର୍‌ଦାର୍ ତେଲେଙ୍ଗାନା ପଠାବାର୍ ଚେରେଷ୍ଟା କରୁଥିବାର୍ ବେଲେ ପୁଲିସ୍ ଚଢ଼ଉ କରିକରି ଶ୍ରମିକ୍‌ମାନ୍‌କୁ ଉଦ୍ଧାର୍ କରିଛନ୍ । ହେଲେ ହେ ସର୍‌ଦାର୍ ଘଟ୍‌ନା ଜାଗାନୁ ଫେରାର୍ ହେଇଯାଇଛେ ।

ଆତ୍ମସୁରକ୍ଷା ତାଲିମ୍ ଶିବିର୍ Nuapada/R

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ କଲେଜ୍ ନ ଛାତ୍ରୀ ଆତ୍ମସୁରକ୍ଷା ତାଲିମ୍ ଶିବିର୍ ମୁଲ୍ ହେଇଛେ । ଗଲାକାଏଲ୍ ଏସ୍‌ଡିପିଓ ସି. ହୃଦୟାନନ୍ଦ ଇତାର୍ ଉଦ୍‌ଘାଟନ୍ କରିଥିବାର୍ ବେଲେ ଆଏବା ୨୩ ତାରିଖ୍‌ତକ୍ ଶିବିର୍ ନ ୩ ଶହ ୫ନ୍ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ବାବଦ୍ ତାଲିମ୍ ଦିଆଯିବା ।

ବ୍ରାହ୍ମଣୀ ସେତୁ RNU/CTC

ରାଏଜ୍ ସର୍‌କାର୍‌ଙ୍କର୍ ଜଙ୍ଗଲ୍ ଜମି ବାବଦ୍ କ୍ଲିୟରେନ୍ସ ମିଲ୍‌ଲେ ଯାଇକରି ୨ ନମ୍ବର୍ ବ୍ରାହ୍ମଣୀ ସେତୁ ତିଆର୍‌ବାର୍ କାମ୍ ମୁଲ୍ ହେବା ବଲି ଜାତୀୟ ରାଜପଥ ପ୍ରାଧିକରଣ୍‌ର ସଦସ୍ୟ ଆନନ୍ଦ ସିଂ କହିଛନ୍ । କ୍ଲିୟରେନ୍ସ ଦେବାର୍‌କେ ରାଏଜ୍ ସର୍‌କାର୍ ସମିଆ ନେଇଛନ୍ ବଲି ସେ କହିଛନ୍ । ସେ କହିଛନ୍ ଯେ, ସେତୁ କାମ୍ ମୁଲ୍ କର୍‌ବାର୍‌କେ ଜାତୀୟ ରାଜପଥ୍ ପ୍ରାଧିକର୍ ତିଆର୍ ଅଛେ । ସେଆଡ଼େ ବ୍ରାହ୍ମଣୀ ନଦୀ ଉପ୍‌ରେ ୨ ନମ୍ବର ସେତୁ ତିଆର୍‌ବାର୍ ବାବ୍‌ଦେ ସଚିବାଲୟ ନ ମୁଖ୍ୟ ଶାସନ୍ ସଚିବ ଆଦିତ୍ୟ ପ୍ରସାଦ୍ ପାଢ଼ୀ ଆର୍ ଜାତୀୟ ରାଜପଥ୍ ପ୍ରାଧିକରଣ୍‌ର ସଦସ୍ୟଙ୍କର୍ ଉପସ୍ଥିତି ନ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ ।